بسم الله الرحمن الرحيم

**ଖୁତ୍‌ବା ଜୁମା ୨୧ ଅକ୍ଟୋବର ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲଫୋର୍ଡ୍ (ୟୁ.କେ)**

**୨୦୨୨ ମସିହାରେ ହୁଜୁର ଅନୱର୍ ଅ.ବଙ୍କ ଆମେରିକାର ସଫଳତାପୂର୍ବକ ଗସ୍ତର ସବିଶେଷ ବିବରଣୀ, ଅତିଥିମାନଙ୍କର ପ୍ରତିକ୍ରିୟା ଓ ଅଲ୍ଲାଃତାଲାଙ୍କ କୃପାମୂଳକ ଦୃଶ୍ୟାବଳୀର ମନମୁଗ୍ଧକର ଚର୍ଚ୍ଚା ।**

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ଦାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; ବିଗତ ଦିନମାନଙ୍କରେ ମୁଁ ଆମେରିକା ଗସ୍ତରେ ଥିଲି ଏବଂ ମୋର ସେହି ଗସ୍ତଗୁଡ଼ିକ ଅତ୍ୟନ୍ତ ସୁରୁଖୁରୁରେ ସମ୍ପନ୍ନ ହେଲା । ଏମ.ଟି.ଏ ଓ ଜମାଅତ୍‌ର ଅନ୍ୟାନ୍ୟ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ସମସ୍ତ ଖବରଗୁଡ଼ିକ ପରିବେଷିତ ହୋଇଥିଲା । ଅପରପକ୍ଷେ ସାଂସାରିକ ଟି.ଭି ଚ୍ୟାନେଲ୍‌ଗୁଡ଼ିକ ମଧ୍ୟ ଅନେକ ଦୃଶ୍ୟର କଭରେଜ୍ ପରିବେଷଣ କରୁଥିଲେ । ପ୍ରତ୍ୟେକ ଦୃଷ୍ଟିରୁ ଅଲ୍ଲାଃତାଲାଙ୍କ କୃପାବତୀର୍ଣ୍ଣ ହେଉଥିବାର ଆମେମାନେ ଲକ୍ଷ୍ୟ କଲୁ । ଏହି ଗସ୍ତ ଦ୍ୱାରା ଆପଣା ଓ ପର ସଭିଙ୍କ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥିଲା ଏବଂ ସେମାନଙ୍କ ଆବାଗିକମୂଳକ ପ୍ରତିକ୍ରିୟାର ଏକ ଦୀର୍ଘ ସୂଚୀ ରହିଛି । ପ୍ରତ୍ୟେକ ସ୍ଥାନରେ ନମାଜ୍‌ରେ ଆବାଳ ବୃଦ୍ଧ ବନୀତାଙ୍କର ଉପସ୍ଥିତି ବ୍ୟବସ୍ଥାପିକା କମିଟିର ଆଶା ଠାରୁ  ଅଧିକ ଥିଲା । ଲୋକମାନଙ୍କ ଉତ୍ସାହଜନିତ ପରିପ୍ରକାଶ ସ୍ୱଷ୍ଟ ରୂପେ ଦୃଶ୍ୟମାନ ହେଉଥିଲା । କାରଣ ସେମାନଙ୍କ ହୃଦୟରେ ଖିଲାଫତ୍ ପ୍ରତି ଯେଉଁ ପ୍ରେମ, ନିଷ୍ଠା, ବିଶ୍ୱସ୍ତତା ଓ ଆନ୍ତରୀକତାର ଆବେଗ ରହିଥିଲା ତାହା ସ୍ୱଷ୍ଟ ରୂପେ ବାରି ହୋଇପଡୁଥିଲା । ଶିକ୍ଷିତ, ଧନୀ ଦରିଦ୍ର, ପିଲା ବୁଢା ଏବଂ ସାଂସାରିକ ଦୃଷ୍ଟିରୁ ବ୍ୟସ୍ତବହୁଳ ଲୋକମାନେ ମଧ୍ୟ ଘଣ୍ଟା ଘଣ୍ଟା ଧରି ମସ୍‌ଜିଦ୍ ଭିତରେ ନମାଜରେ ସାମିଲ ହେବା ପାଇଁ ଧାଡ଼ିରେ ଛିଡ଼ା ହେଉଥିଲେ । ସେମାନଙ୍କ ମଧ୍ୟରେ ଏଭଳି ପରିବର୍ତ୍ତନ ଏହିକଥାର ପରିପ୍ରକାଶ ଯେ, ଅଲ୍ଲାଃତାଲାଙ୍କ କୃପାରୁ ଧର୍ମ ଓ ଜମାଅତ୍‌ର ପ୍ରେମ ଏବଂ ଆମେରିକାରେ ବସବାସ କରୁଥିବା ଜମାଅତ୍‌ର ଲୋକମାନଙ୍କ ମନରେ ଖିଲାଫତ୍ ପ୍ରତି ଯେଉଁ ଆନ୍ତରିକତାମୂଳକ ସଂପର୍କ ଥିଲା ତାହା ଅବର୍ଣ୍ଣନୀୟ । ଏଗାର ବାର ବର୍ଷର ପିଲାମାନେ ମଧ୍ୟ କୋଭିଡ୍ ଟେଷ୍ଟିଙ୍ଗ୍ ଆଦି କାରଣରୁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇ ରହୁଥିଲେ । କିନ୍ତୁ କେବେ ବି କୌଣସି ବ୍ୟକ୍ତି ଆପତ୍ତି କି ଅଭିଯୋଗ ବି କରି ନାହାନ୍ତି ।

ହୁଜୁର ଅନୱର୍ ଅ.ବ କହିଲେ; ଅଲ୍ଲାଃତାଲା କରନ୍ତୁ କି ଏହିଭଳି ନିଷ୍ଠା ଓ ବିଶ୍ୱସ୍ତତାର ଦୃଶ୍ୟ ସର୍ବଦା ଆମେରିକାରେ ବସବାସ କରୁଥିବା ଜମାଅତ୍‌ର ସଦସ୍ୟମାନଙ୍କ ମଧ୍ୟରେ ଅବ୍ୟାହତ ରହୁ ଏବଂ ଏହିପରି ମସଜିଦ୍ ମଧ୍ୟ ନମାଜ ପାଠକାରୀଙ୍କ ଦ୍ୱାରା ପରିପୂର୍ଣ୍ଣ ରହୁ । ଆମେରିକାରେ ଅନେକ ଲୋକମାନେ ଧର୍ମକୁ ଭୁଲି ଯାଆନ୍ତି । କିନ୍ତୁ ମୁଁ ଅନେକ ଲୋକମାନଙ୍କ ମଧ୍ୟରେ ଏକଥା ଦେଖିବାକୁ ପାଇଲି ଯେ, ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ତଥା ଦୁର୍ବଳ ଥିବା ବ୍ୟକ୍ତିମାନେ ନିଜ ନିଜ ସନ୍ତାନମାନଙ୍କୁ ଧର୍ମ ସହିତ ସଂଶ୍ଳିଷ୍ଟ ରହିବା ପ୍ରତି ବିଶେଷ ରୂପେ ଦୁଆ କରୁଥିଲେ । ଅଲ୍ଲାଃତାଲା ସେହି ପ୍ରାର୍ଥନାକାରୀଙ୍କ ନିଷ୍ଠା ଓ ବିଶ୍ୱସ୍ତାକୁ ସର୍ବଦା ବୃଦ୍ଧି କରି ଚାଲନ୍ତୁ । ଲଜ୍‌ନା, ଅନ୍‌ସାର, ଖୁଦ୍ଦାମ୍ ଓ ଛୋଟ ପିଲାମାନେ ମଧ୍ୟ ସେହି ଦିନମାନଙ୍କରେ କଠିନ ପରିଶ୍ରମ କରି ନିଜର ଡିୟୁଟିଗୁଡ଼ିକୁ ସମ୍ପାଦନ କରିଛନ୍ତି,

ଅନେକ ଦିନ ଧରି ରାତିରେ ଉଜାଗର ରହି ଶୁଭୋଦ୍‌ଘାଟନ ସମାରୋହର ପ୍ରସ୍ତୁତି କରିଛନ୍ତି । ଉପସ୍ଥିତି ମଧ୍ୟ ହଜାର ହଜାର ସଂଖ୍ୟାକ ବୋଲି ଗଣନା କରାଯାଏ । ବୈତୁର୍ ରହେମାନ ଠାରେ ଜଲ୍‌ସା ଯୋଗୁଁ ଲୋକମାନଙ୍କର ଅଧିକ ସଂଖ୍ୟାକ ଉପସ୍ଥିତି ରହିଥିଲା । କିନ୍ତୁ ଅତ୍ୟନ୍ତ ସୁନ୍ଦର ସହକାରେ ଓ ଶୃଙ୍ଖଳିତ ଭାବରେ ସେମାନେ ନିଜ ନିଜ ଦାୟିତ୍ୱ ତୁଲାଇଥିଲେ କରିଥିଲେ । ଅଲ୍ଲାଃତାଲା କରନ୍ତୁ କି ଆମେରିକାରେ ବସବାସ କରୁଥିବା ଜମାଅତ୍‌ର ସଦସ୍ୟମାନଙ୍କ କ୍ଷେତ୍ରରେ ମଧ୍ୟ ଏହିଭଳି ପରିବର୍ତ୍ତନ ସାମୟିକ ନହୋଇ ବରଂ ଚୀରକାଳ ବିଦ୍ୟମାନ ରହିଥାଉ । ଅଲ୍ଲାଃତାଲା ଅଣଅହେମଦିମାନଙ୍କ ହୃଦୟରେ ମଧ୍ୟ ଅସାଧାରଣ ରୂପେ ପ୍ରଭାବ ପକାଇଛନ୍ତି । ଅଲ୍ଲାଃତାଲା ସେମାନଙ୍କର ହୃଦୟକୁ ପ୍ରଶସ୍ତ କରନ୍ତୁ ଏବଂ ଏହି ଲୋକମାନେ ସତ୍ୟକୁ ଚିହ୍ନି ନିଅନ୍ତୁ ।

ହୁଜୁର ଅନୱର ଅ.ବ କହିଲେ, ଜାଏନ୍‌ରେ ମସ୍‌ଜିଦ୍ ଫତ୍‌ହେ ଅଜିମ୍‌ର ଶୁଭୋଦ୍‌ଘାଟନ ସମାରୋହ ଅବସରରେ ୧୬୧ ଜଣ ଅଣ ମୁସ୍‌ଲିମ୍ ଏବଂ ଅଣ ସଂପ୍ରଦାୟ ଅତିଥିଗଣ ମଧ୍ୟ ସାମିଲ୍ ହୋଇଥିଲେ । ତନ୍ମଧ୍ୟରେ କଂଗ୍ରେସର ମହିଳା ସଦସ୍ୟା, ମେୟର୍ଜ, ଡାକ୍ତର, ଅଧ୍ୟାପକ, ଶିକ୍ଷକ, ଓକିଲ, ଯନ୍ତ୍ରୀମାନେ ଏବଂ ବିଭିନ୍ନ ବିଭାଗ ଅନ୍ତର୍ଗତ ଅନ୍ୟାନ୍ୟ ଲୋକମାନେ ମଧ୍ୟ ଉକ୍ତ ଶୁଭୋଦ୍‌ଘାଟନ ସମାରୋହରେ ଅଂଶ ଗ୍ରହଣ କରିଥିଲେ । ହୁଜୁର ଅନୱର୍ ଅ.ବ କହିଲେ; ଅନେକ ଲୋକମାନେ ନିଜର ପ୍ରତିକ୍ରିୟା ରଖିଲେ ଯେଉଁ ପ୍ରତିକ୍ରିୟାଗୁଡ଼ିକ ମଧ୍ୟରେ କେତେକ ପ୍ରତିକ୍ରିୟା ଓ ମତାମତ ଏଠାରେ ଉପସ୍ଥାପନ କରାଯାଉଛି । ହୁଜୁର ଅନୱର୍ ଅ.ବ କହିଲେ; ଜାଏନ୍ ସହରର ମେୟର ବିଲି ମ୍ୟାକିନି ସାହେବ ନିଜର ପ୍ରତିକ୍ରିୟାରେ କହିଲ, ମୋ ପାଇଁ ଜମାଅତ୍ ଅହେମଦିୟା ମୁସ୍‌ଲିମାର ଆନ୍ତର୍ଜାତିକ ମାର୍ଗଦର୍ଶକ ଖଲିଫାଙ୍କୁ ମସ୍‌ଜିଦ୍ ଫତ୍‌ହେ ଅଜିମ୍‌ର ଶୁଭୋଦ୍‌ଘାଟନ ସମାରୋହରେ ଆମନ୍ତ୍ରିତ କରିବା ମୋ ପାଇଁ ଅତ୍ୟନ୍ତ ଗରୌବର ବିଷୟ । ମୋର ଏହି ଅଭିଳାଷା ରହିଛି ଯେ, ଏହି ଉପାସନା ସ୍ଥଳୀ ଆମର ଅତୀତ ଓ ଭବିଷ୍ୟତରେ ଏକ ମାଇଲ୍ ଖୁଣ୍ଟ ପରି ସାବ୍ୟସ୍ତ ହେଉ । ଅହେମଦିୟା କମ୍ୟୁନିଟି ପକ୍ଷରୁ ଉକ୍ତ ସହର ପାଇଁ ଭବ୍ୟ ସେବା ସମ୍ପାଦନ କରାଯାଇଛି, ଯେଉଁଥିପାଇଁ ମୁଁ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି ଏବଂ ଆମେମାନେ ଏହି ସହରର ଚାବି ଇମାମ୍ ଜମାଅତ୍ ଅହେମଦିୟାଙ୍କ ସେବାରେ ସମର୍ପିତ କରୁଛୁ ।

ମେମ୍ବର ଅଫ୍ ଇଲିନଇସ୍ ଜେନେରାଲ୍ ଆସେମ୍ବଲି ଅନ୍ରେବଲ୍ ଜଇସ୍ ମେସନ୍ ସାହେବ କହିଲେ ଯେ, ଏଠାରେ ଅର୍ଥାତ ଜାଏନ୍‌ରେ ଏହି ଐତିହାସିକ ମସ୍‌ଜିଦ୍‌ର ଏକ ଅଶଂ ହେବା ମୋ ପକ୍ଷେ ଏକ ଗୌରବର ବିଷୟ । ଆଜି ଏହି ସହର ପାଇଁ ଏକ ଐତିହାସିକ ଅଧ୍ୟାୟ ଓ ଗୌରବର ଦିନ ଅଟେ । ଆଲେକ୍‌ଜାଣ୍ଡର ଡୋଇ ଏହି ସହରର ଦ୍ୱାର ନିଜର ଅନୁଗାମୀମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଲୋକମାନଙ୍କ ପାଇଁ ବନ୍ଦ କରି ଦେଇଥିଲା । କିନ୍ତୁ ଦେଖ ! ଉକ୍ତ ସହରର ଦ୍ୱାର ସମସ୍ତଙ୍କ ଲାଗି ଉନ୍ମୁକ୍ତ ଦିଆଯାଇଛି । ଇତ୍ୟବସରରେ ମୁଁ ଜମାଅତ୍ ଅହେମଦିୟାର କମ୍ୟୁନିଟିକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ମୋର ଅଭିଳାଷା ଏହିକି ଯେ, ଏହି ମସ୍‌ଜିଦ୍ କେବଳ ଉକ୍ତ ସହରବାସୀଙ୍କ ପାଇଁ ଆଶାର ଆଲୋକ ନସାଜୁ ବରଂ ଚତୁର୍ପାର୍ଶ୍ୱରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ମଧ୍ୟ ଏକ ଆଶାର ଆଲୋକ ପାଲଟି ଯାଉ । ମୁଁ ଏହି ସଂପ୍ରଦାୟକୁ ସେମାନଙ୍କ ମସ୍‌ଜିଦ୍‌ର ଶୁଭୋଦ୍‌ଘାଟନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ଏବଂ ସଂସଦ ଭବନରେ ଏକ ସନ୍ଧିନାମା ଉପସ୍ଥାପିତ କରୁଛି । ହୁଜୁର ଅନୱର୍ ଅ.ବ କହିଲେ; ଜେନିଫର୍ ନାମୀ ଜନୈକା ମହିଳା ଅତିଥି କହନ୍ତି ଯେ, ଆପଣଙ୍କ ଜମାଅତ୍‌ର ନୈତିକତା ପ୍ରସଙ୍ଗରେ ଯଦି କିଛି କୁହାଯାଏ ତେବେ ତାହା ସର୍ବୋତ୍କୃଷ୍ଟ ଅଟେ । ଆପଣ ଯେତେବେଳେ ଜାଏନ୍ ସହରରେ ପାଦ ରଖିଲେ ସେତେବେଳେ ତାହା ଏକ ପୁରୁଣା ଗୃହ ଥିଲା ଏବଂ ସେହି ଗୃହରେ ଏକ ମୋଟୋ (ଆଦର୍ଶ ଉକ୍ତି) ଅର୍ଥାତ "**ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନୁହେଁ**"ର ବାର୍ତ୍ତା ଦୃଶ୍ୟମାନ ହୁଏ ଏବଂ ଏହାର ପ୍ରତିଧ୍ୱନି ଆପଣଙ୍କ ସହିତ ଗୁଞ୍ଜରିତ ହୋଇଥାଏ । ଅର୍ଥାତ ଏହି ଉଦ୍ଦେଶ୍ୟ ଜାଏନ୍ ସହରର ପ୍ରକୃତ ମନୋବୃତ୍ତିକୁ ସୂଚାଉଛି ।

ହୁଜୁର ଅନୱର୍ ଅ.ବ କହିଲେ; ଡେଲାସ୍ ଅଞ୍ଚଳରେ ମଧ୍ୟ ମସ୍‌ଜିଦ୍‌ର ଶୁଭୋଦ୍‌ଘାଟନ ହୋଇଥିଲା ଯହିଁରେ ୧୪୦ ଜଣ ଅଣ ମୁସଲମାନ ଓ ଅଣଜମାଅତ୍ ଅହେମଦିୟାର ଅତିଥିମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ଏଲିନ୍

ସହରର କାଉନ୍‌ସିଲ୍‌ର ସଦସ୍ୟ ସହରର ଚାବି ମୋତେ ପ୍ରଦାନ କରିଥିଲେ ଏବଂ କହିଲେ ଆଜି ମସ୍‌ଜିଦ୍ ବୈତୁଲ୍ ଇକ୍ରାମ୍‌ର ଶୁଭୋଦ୍‌ଘାଟନ ସମାରୋହରେ ଯୋଗ ଦେବା ମୋ ପାଇଁ ଏକ ଗୌରବର ବିଷୟ ଅଟେ । ଇତ୍ୟବସରରେ ମୁଁ ଜମାଅତ୍ ଅହେମଦିୟାକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଆମେମାନେ ଜମାଅତ୍ ଅହେମଦିୟାର ସେବାକୁ ଖୁବ୍ ପ୍ରଶଂସା କରୁ । କାରଣ ଆପଣମାନେ ଏହି ସହରର ଅଭାବି ଦିରିଦ୍ର ବ୍ୟକ୍ତିଙ୍କୁ ସାହାଯ୍ୟ କରିଥାଆନ୍ତି । ଏହି ସହରର ସୌଭାଗ୍ୟ ଯେ, ଜଣେ ଶାନ୍ତିପ୍ରିୟ ଏବଂ ମାନବିକତାର ସେବା କରୁଥିବା ଏକ କମ୍ୟୁନିଟି ଏଠାରେ ନିଜର ମସ୍‌ଜିଦ୍‌ଟିଏ ନିର୍ମାଣ କରିଛି । ତେଣୁ ମୁଁ ଆଶା କରୁଛି ଯେ, ଉକ୍ତ ମସ୍‌ଜିଦ୍‌ଟି ଏହି ସହର ଓ ସେହି ଅଞ୍ଚଳବାସୀଙ୍କ ପାଇଁ ଏକ ଆଶାର ଆଲୋକ ସାବ୍ୟସ୍ତ ହୋଇଯାଉ ।

ସଦର୍ନ ୟୁନିଭର୍ସିଟି (ଦକ୍ଷିଣ ବିଶ୍ୱବିଦ୍ୟାଳୟ)ର ଅଧ୍ୟାପକ ଡଃ. ରବର୍ଟ ହଣ୍ଟ୍‌ଙ୍କୁ ଉକ୍ତ ଉଦ୍‌ଘାଟନୀ ସମାରୋହରେ ଆମନ୍ତ୍ରିତ କରିଥିବା ହେତୁ ସେ ଜମାଅତ୍ ଅହେମଦିୟାର କୃତଜ୍ଞତା ଜ୍ଞାପନ କଲେ ଏବଂ କହିଲେ; ଇମାମ୍ ଜମାଅତ୍ ଅହେମଦିୟା ନିଜର ଦୁଇଟି ସୁଗୁଣାବଳୀ ଯୋଗୁଁ ନିଜକୁ ଉତ୍ସର୍ଗୀକୃତ ଓ ଧନ୍ୟ ବୋଲି ମନେକରନ୍ତି ଯଥା; **୧-** ଧାର୍ମିକ ସ୍ୱାଧୀନତା **୨-** ସର୍ବ ଧର୍ମ ମଧ୍ୟରେ ଯୋଗାଯୋଗମୂଳକ ସୁସମ୍ବୋଧନ । ଇତିହାସ ଏକଥାର ସାକ୍ଷୀ ଯେ, ଜମାଅତ୍ ଅହେମଦିୟାକୁ ସର୍ବଦା ଅତ୍ୟାଚାରର ଶିକାର ହେବାକୁ ପଡ଼ିଛି । ଏହି କାରଣରୁ ଏହି ଜମାଅତ୍ ଅହେମଦିୟା ଧାର୍ମିକ ସ୍ୱାଧୀନତା କ୍ଷେତ୍ରରେ ସର୍ବାଗ୍ରେ ରହିଛି । ଆମେମାନେ ଯେପର୍ଯ୍ୟନ୍ତ ପାରସ୍ପାରିକ ଧାର୍ମିକ ସ୍ୱାଧୀନତା ପ୍ରତି ସମ୍ମାନ ପ୍ରଦର୍ଶନ କରି ନାହୁଁ ସେପର୍ଯ୍ୟନ୍ତ ଆମେମାନେ ବିଚ୍ଛିନ୍ନତାବାଦ ଉପରେ ପ୍ରଭାବ ବିସ୍ତାର କରିପାରିବା ନାହିଁ । ହୁଜୁର ଅନଓ୍ୱର୍ ଅ.ବ କହିଲେ ସୁଲତାନ୍ ଚୌଧୁରୀ ସାହେବ ଜନୈକ ମୁସଲମାନ ବ୍ୟକ୍ତି କହିଲେ; ଜମାଅତ୍ ଅହେମଦିୟାର ଧର୍ମାଧ୍ୟକ୍ଷ ସମଗ୍ର ବିଶ୍ୱାବାସୀଙ୍କ ପାଇଁ ଏକ ସନ୍ଦେଶ ପ୍ରଦାନ କରିଛନ୍ତି । ଜଣେ ମୁସଲମାନ ଅତିଥି ଡାକ୍ତର ହଲିମୁର୍ ରହେମାନ ସାହେବ କହିଲେ ଯେ, ଉକ୍ତ ସମାରୋହର ବ୍ୟବସ୍ଥା ଏବଂ ଅତିଥି ସତ୍କାରକତା ଅବିଶ୍ୱସନୀୟ ଥିଲା । ମୋତେ ଯେଉଁଭଳି ଅତିଥି ସତ୍କାରକତା ଏବଂ ଯେଉଁଭଳି ସମ୍ମାନ ମିଳିଲା ମୁଁ ସେହି ସମ୍ମାନର ପ୍ରକୃତ ଅଧିକାରୀ ମଧ୍ୟ ନଥିଲି । କିନ୍ତୁ ଏହି ସବୁ ପରିବେଶକୁ ଦେଖି ଓ ଆପଣ ମୋତେ ପ୍ରୋତ୍ସାହିତ କରିଥିବା ହେତୁ ମୋ ଆଖି ଆଜି ଲୋତକାପ୍ଲୁତ ହୋଇଗଲା । ମୋତେ ଇସ୍‌ଲାମ୍ ଧର୍ମର ପ୍ରକୃତ ଶିକ୍ଷା ଉପରେ ପରିଚାଳିତ ହୋଇଥିବା ମନୁଷ୍ୟମାନଙ୍କ ମଧ୍ୟରେ ସମୟ ଅତିବାହିତ କରିବାର ସୁଯୋଗ ପ୍ରାପ୍ତ ହୋଇଥିବା ହେତୁ ମୁଁ ନିଜକୁ ଧନ୍ୟ ବୋଲି ମନେକରୁଛି ।

ହୁଜୁର ଅନଓ୍ୱର୍ ଅ.ବ କହିଲେ; ଭିକ୍ଟୋରିଆ ସାହେବା ନାମକ ଜନୈକା ମହିଳା କହନ୍ତି ଯେ, ମୋତେ ଏଠାରେ ସର୍ବାଧିକ ଜାଜ୍ୱଲ୍ୟମାନ ବସ୍ତୁ ଇମାମ୍ ଜମାଅତ୍‌ଙ୍କର ଉଦ୍‌ବୋଧନ ଲାଗିଲା । କାରଣ କିଭଳି ଧାର୍ମିକ ମତଭେଦ ଓ ବିଭିନ୍ନ ବିପରୀତାତ୍ମକ ଦୃଷ୍ଟିଭଙ୍ଗୀ ସତ୍ତ୍ୱେ ଆମେମାନେ ସମସ୍ତେ ପରସ୍ପର ସହିତ ସଂଶ୍ଳିଷ୍ଟ ରହିଛୁ ଏବଂ ଏହା ଏପରି ଏକ କଥା ଯାହାକି ଆଜିକାଲି ଅନ୍ୟ ଧର୍ମାବଲମ୍ବୀମାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁ ନାହିଁ । ପୁନଶ୍ଚ ମେରୀ ମେକ୍‌ଡ଼ର୍‌ମୋଟ୍ ନାମକ ଜନୈକା ମହିଳା ଯେକି ଉକ୍ତ ମସ୍‌ଜିଦ୍‌ର ପଡ଼ୋଶୀନୀ ଅଟନ୍ତି ଏବଂ ଯାହାଙ୍କର ଏକର ଏକର ଜମି ରହିଛି ଏବଂ ଯିଏ ପାର୍କିଂ ପାଇଁ ଜମି ମଧ୍ୟ ପ୍ରଦାନ କରିଥିଲେ, ସେ କହନ୍ତି; ମୁଁ ପୂର୍ବେ ଜମିର ସେହି ଧୂଳିଧୂଷର ଭାଗ ସହିତ ସେତେଟା ପ୍ରସନ୍ନ ନଥିଲି ଯେତେ ଆଜି ଉକ୍ତ କାର୍ଯ୍ୟକ୍ରମରେ ନିଜର ଭୂମି ପ୍ରଦାନ କରି ପ୍ରସନ୍ନିତ ହୋଇଛି । ହୁଜୁର ଅନଓ୍ୱର୍ ଅ.ବ କହିଲେ; ଡେଲାସ୍ ଠାରୁ ୫୦ ମାଇଲ୍ ଦୂରତାରେ ଏକ ସ୍ଥାନ ରହିଛି ଯାହାର ନାମ ହେଲା ଫୋର୍ଟ ୱାର୍ଥ, ସେଠାରେ ତିନି ଚତୁର୍ଥ ହେକ୍ଟରରେ ଏକ ଭବନ କ୍ରୟ କରାଯାଇଥିଲା, ଯେଉଁଠି ଏକ ଗୁମ୍ବଜ ଓ ଦୁଇଟି ମିନାରା ନିର୍ମାଣ କରାଯିବାର କାର୍ଯ୍ୟକ୍ରମ ରହିଥିଲା । କାରଣ ମସ୍‌ଜିଦ୍‌ର ରୂପରେଖ ଯେପରି ସଠିକ୍ ରୂପେ ପ୍ରସ୍ତୁତ ହୋଇଯାଉ । ସେହି ସ୍ଥାନଟି ବେଶ ଉପଯୁକ୍ତ ସ୍ଥାନ ଅଟେ ଏବଂ ଜମାଅତ୍‌ର ଲୋକମାନେ ଆସି ଏଠାରେ ନମାଜ ପାଠ କରିଥାଅନ୍ତି । ମୋତେ ମଧ୍ୟ ସେଠାରେ ମଗରିବ୍ ନମାଜ ଓ ଇଶା ନମାଜ୍ ପଢେଇବାର ସୁଯୋଗ ପ୍ରାପ୍ତ ହେଲା । ଐବେ କର୍କ୍ ସାହେବ ନାମକ ଜଣେ ଅତିଥି ଯେକି ଫୋର୍ଟ ୱାର୍ଥରେ ରହନ୍ତି ଏବଂ

ଡେଲାସ୍‌ରେ ମସ୍‌ଜିଦ୍‌ର ଶୁଭୋଦ୍‌ଘାଟନ ସମାରୋହରେ ଆସିଥିଲେ, ସେ କହନ୍ତି; ଇମାମ୍ ଜମାଅତ୍ ଅଲ୍ଲାଃତାଲାଙ୍କ ଇଚ୍ଛାନୁଯାୟୀ ପରସ୍ପର ସହିତ ମିଳିମିଶି କାର୍ଯ୍ୟ କରିବାର ଯେଉଁ ବାର୍ତ୍ତା ତଥା ସନ୍ଦେଶ ଦେଲେ ତାହା ଖୁବ୍ ସୁନ୍ଦର ଥିଲା । ଶାନ୍ତି ଏବଂ ପରମାଣୁ ଯୁଦ୍ଧରୁ ନିଜକୁ କିଭଳି ସୁରକ୍ଷିତ ରଖାଯାଇପାରିବ ତାହା ମୋ ପାଇଁ ଅତ୍ୟନ୍ତ ଉପଯୋଗୀ ଥିଲା । ପ୍ରତ୍ୟେକଙ୍କୁ ଖଲିଫାଙ୍କର ଏହି ବାର୍ତ୍ତାକୁ ଧ୍ୟାନପୂର୍ବକ ଅବଶ୍ୟ ଶୁଣିବା ଉଚିତ । ହାଇସ୍କୁଲର ଜନୈକା ଶିକ୍ଷୟତ୍ରୀ କହନ୍ତି; ଖଲିଫା ମହୋଦୟଙ୍କର ଦୁଇଟି କଥା ମୋତେ ଗଭୀର ଭାବରେ ପ୍ରଭାବିତ କରିଛି । **ପ୍ରଥମତଃ**- ସେ ଏହି କଥାର ସ୍ୱୀକାରୋକ୍ତି ପ୍ରକାଶ କରନ୍ତି ଯେ, ସମାଜ ଭିତରେ ଇସ୍‌ଲାମ୍ ବିରୁଦ୍ଧରେ ନିରାପତ୍ତା ମହଜୁଦ୍ ରହିଛି ଏବଂ ଏହିସବୁ ବସ୍ତୁଗୁଡ଼ିକ ମୁଁ ନିଜର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଅନୁସନ୍ଧାନ କରିଥାଏ । **ଦ୍ୱିତୀୟତଃ**- ମୁଁ ଯେଉଁ କଥାର ଉଚ୍ଚ ପ୍ରଶଂସା କଲି ତାହା ଥିଲା ଖଲିଫାଙ୍କର ଆଣବିକ ଅସ୍ତ୍ରଶସ୍ତ୍ରର ଉପଯୋଗୀତା ତଥା ବ୍ୟବହାର କରିବା ବିପରୀତରେ ସାବଧାନ ଓ ସତର୍କ କରାଇବା । ଆଜିକାଲି ପରିସ୍ଥିତିରେ ଏହି ପ୍ରକାରର ଗୂଢ ରହସ୍ୟଯୁକ୍ତ ବାର୍ତ୍ତା ଶୁଣି ବହୁତ ଭଲ ଲାଗିଲା ।

ହୁଜୁରୁ ଅନୱର୍ ଅ.ବ କହିଲେ; ଜାଏନ ସ୍ଥିତ ମସଜିଦ୍ ଫତ୍‌ହେ ଅଜିମ୍ ଠାରେ ଆଲେକ୍‌ଜାଣ୍ଡା଼ର ଡୋଇର ମୁବାହିଲା (ଚ୍ୟାଲେଞ୍ଜ) ସଂକ୍ରାନ୍ତରେ ଏକ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଥିଲା । ହ. ମସିହ୍ ମଉଦ୍ ଅ.ସ **'ମଜ୍‌ମୁଆ ଇସ୍ତହାର'**, ଗ୍ରନ୍ଥଖଣ୍ଡ-୪ରେ ୩୨ଟି ଖବରକାଗଜର ନାମୋଲ୍ଲେଖ କରିଛନ୍ତି ଯହିଁରେ ମୁବାହିଲା ସଂପର୍କରେ ଚର୍ଚ୍ଚା କରାଯାଇଥିଲା । ଜମାଅତ୍ ଅହେମଦିୟା ଆମେରିକାର ଗବେଷଣା ଅନୁଯାୟୀ ଅତିରିକ୍ତ ୧୨୮ଟି ଖବରକାଗଜ ଏଭଳି ପ୍ରାପ୍ତ ହୋଇଛି ଯହିଁରେ ଉକ୍ତ ମୁବାହିଲା ସଂପର୍କରେ ଚର୍ଚ୍ଚା କରାଯାଇଥିଲା । ଏହିପରି ଭାବରେ କେବଳ ଆମେରିକାରୁ ହିଁ ମୋଟ୍ ୧୬୦ଟି ଖବରକାଗଜରେ ଏହି ମୁବାହିଲା ସଂପର୍କରେ ଚର୍ଚ୍ଚା କରାଯଇଥିଲା । ସେହି ସମସ୍ତ ଖବରକାଗଜଗୁଡ଼ିକ ଡିଜିଟାଲ ଆକାରରେ ଉକ୍ତ ପ୍ରଦର୍ଶନୀରେ ମହଜୁଦ ରହିଛି । ସେହିପରି ବିଭିନ୍ନ ଖବରକାଗଜ ତଥା ନ୍ୟୁଜ୍ ଚ୍ୟାନେଲ୍‌ମାନଙ୍କରେ ମଧ୍ୟ ମୋ ଗସ୍ତ ସଂପର୍କିତ ଖବର ପ୍ରସାରଣ କରାଯାଇଥିଲା ।

ହୁଜୁର ଅନୱର୍ ଅ.ବ କ୍ରିଷ୍ଟୋଫର୍ ସାହେବ ନାମକ ଜଣେ ନବଦୀକ୍ଷିତ ବ୍ୟକ୍ତିଙ୍କ ସଂପର୍କରେ ଚର୍ଚ୍ଚା କରି କହିଲେ; ଏହି ବୈଅତ୍ ଫଳରେ ପୁରୁଣା ଏବଂ ବିଭିନ୍ନ ଦେଶରୁ ଆଗତ ପ୍ରବାସକାରୀ ଅହେମଦିମାନଙ୍କ ଉପରେ ମଧ୍ୟ ଏକ ସୁପ୍ରଭାବ ପଡ଼ିଛି । ଏହି କ୍ରମରେ ମହୋଦୟ କ୍ରିଷ୍ଟୋଫର୍ ସାହେବଙ୍କୁ ବୈଅତ୍ କରିବାର ସୁଯୋଗ ମଧ୍ୟ ମିଳିଗଲା ଯହିଁରୁ ଏକ ଭାବବିହ୍ୱଳ ଅବସ୍ଥା ସୃଷ୍ଟି ହୋଇଥିଲା । ସେ ଯାହା ହେଉ ନା କାହିଁକି ଉକ୍ତ ଗସ୍ତଟି ପ୍ରତ୍ୟେକ ଦୃଷ୍ଟିରୁ ଅଲ୍ଲାଃତାଲାଙ୍କ କୃପା ଲାଭ କରିପାରିଛି ଏବଂ ଅଲ୍ଲାଃତାଲା ନିଜର କୃପାବତୀର୍ଣ୍ଣ ମଧ୍ୟ କରିଛନ୍ତି । ଅଲ୍ଲାଃତାଲା ଆଗାମୀ ମଧ୍ୟ ସର୍ବଦା ଏହିପରି ଭାବରେ ନିଜର କୃପା ଦ୍ୱାରା ଆମମାନଙ୍କୁ ସମ୍ମାନିତ ମଧ୍ୟ କରୁ ଥାଆନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଊଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜ଼ିଲ୍ଲା ଲହୁ ୱମଇଁ ୟୁଜ଼୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍‌ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

....................................

KHULASA KHUTBA JUMA HUZOOR ANWAR a.b.a
21st Oct. 2022